# ରାଜନୀତି ଓ ଆବେଗର ଉପରକୁ ଉଠିବା

ଓଡ଼ିଶା ଉପକୂଳରେ ସଂଘଟିତ ମହାପ୍ରଳୟଜନିତ କ୍ଷୟକ୍ଷତିର ଅନୁଧ୍ୟାନ କରି ଦେଢ଼କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ଏ ଦୁର୍ଦ୍ଦିନରେ ସହାନୁଭୂତି ପ୍ରଦର୍ଶନ କରିବା ପାଇଁ ପ୍ରଧାନମଂତ୍ରୀ ଅଟଳ ବିହାରୀ ବାଜପେୟୀ ଆଜି ପୁଣି ଥରେ ଓଡ଼ିଶା ଆସୁଛନ୍ତି । ୪କୋଟି ଓଡ଼ିଆଙ୍କ ତରଫରୁ ଆମେ ପ୍ରଧାନମଂତ୍ରୀଙ୍କୁ ସ୍ୱାଗତ କରୁଛୁ ଏବଂ ଅଭିମାନରେ ଦୁଇପଦ କଥା କହିବା ପାଇଁ ଚାହୁଁଛୁ ।

ଅଟଳ ବିହାରୀ ବାଜପେୟୀଙ୍କୁ ଦେଖିଲେ ଏବଂ ଶୁଣିଲେ ସେ ଜଣେ ରାଜନୈତିକ ଦଳର ନେତା ବୋଲି ମନେ ହୁଏ ନାହିଁ । ଯଥାର୍ଥରେ କୁହାଯାଇଛି ଯେ, ଗତ ନିର୍ବାଚନରେ ଭାରତର ଜନସାଧାରଣ ଚବିଶ ଦଳିଆ 'ଜାତୀୟ ଗଣତାଂତ୍ରିକ ସାମ୍ମୁଖ୍ୟ'କୁ ଯେତିକି ସମର୍ଥନ ଦେଇ ନାହାନ୍ତି, ଅଟଳବିହାରୀ ବାଜପେୟୀଙ୍କୁ ବ୍ୟକ୍ତିବିଶେଷ ଭାବରେ ଆଉ ଥରେ ପ୍ରଧାନମଂତ୍ରୀ ରୂପେ ଦେଖିବା ପାଇଁ ତା' ଠାରୁ ଅଧିକ ସମର୍ଥନ ଦେଇଛନ୍ତି । ଗଂଜାମ ଜିଲ୍ଲାର ବାତ୍ୟାଂଚଳ ଆକାଶ ମାର୍ଗରୁ ଦେଖି, ଦିଲ୍ଲୀ ଫେରିବା ପୂର୍ବରୁ ଭୁବନେଶ୍ୱର ବିମାନ ବନ୍ଦରରେ ପ୍ରଧାନମଂତ୍ରୀଙ୍କ ଗୋଟିଏ କଥା, ''ବାତ୍ୟାକ୍ରାନ୍ତ ଲୋକମାନଙ୍କର ସହାୟତା କାର୍ଯ୍ୟରେ ରାଜନୀତିକୁ ଅନ୍ତରାୟ ହେବା ପାଇଁ ଦିଆଯିବ ନାହିଁ'', ଆମକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ତେବେ ପ୍ରଧାନମଂତ୍ରୀଙ୍କର ଓଡ଼ିଶା ଗସ୍ତ ପୂର୍ବରୁ ଏବଂ ପରେ ତାଙ୍କର ସହଯୋଗୀମାନେ ଯେପରି ଆଚରଣ ପ୍ରଦର୍ଶନ କଲେ ଏବଂ ପ୍ରଧାନମଂତ୍ରୀଙ୍କର ବକ୍ତବ୍ୟକୁ କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ବୋଲି ଅଭିହିତ କରି ଯେପରି ପ୍ରଚାର କରାଗଲା, ତାହା ଓଡ଼ିଶାର ସ୍ୱାଭିମାନକୁ କେବଳ ସଙ୍କୁଚିତ କଲା ନାହିଁ, ବାଜପେୟୀଙ୍କର ପତିଆରା ଏବଂ ଗ୍ରହଣଯୋଗ୍ୟତାକୁ ମଧ୍ୟ ଯଥେଷ୍ଟ କ୍ଷୁଣ୍ଣ କଲା । ମଂତ୍ରିମଣ୍ଡଳର ଶପଥ ଗ୍ରହଣ ପରେପରେ ଓଡ଼ିଶାର ଚାରିଜଣ ମଂତ୍ରୀ ଗଂଜାମ ବାତ୍ୟାଂଚଳ ପରିଦର୍ଶନ କରିବା ପାଇଁ ପୃଥକ୍ ପୃଥକ୍ ଭାବେ ଆସିଲେ, ଅପାରଗ ରାଜ୍ୟ ସରକାରଙ୍କର କଟୁ ସମାଲୋଚନା କଲେ, ସେଥିରେ ମଧ୍ୟ ମନ ଶାନ୍ତି ହେଲା ନାହିଁ । କେନ୍ଦ୍ରୀୟ ଅନୁଦାନ ସଂପର୍କରେ

## ଆମ ଘରର ହାଲଚାଲ

**ସୌମ୍ୟରଞ୍ଜନ ପଟ୍ଟନାୟକ**

ପ୍ରଶ୍ନ ହେବାରୁ ଓଲଟା ବିଦ୍ରୁପ କଲେ, ''ଆମେ କ'ଣ ନଈକୁ ଫିଂଗିବା ପାଇଁ ଅନୁଦାନ ଦେବୁ'', ଆଗେ ରାଜ୍ୟ ସରକାର ଅନୁଦାନ ପାଇଁ ଅନୁରୋଧ କରନ୍ତୁ, ତା' ପରେ କେନ୍ଦ୍ରୀୟ ସାହାଯ୍ୟ କଥା ଦେଖାଯିବ'' । ସତେଯେପରି କେଉଁ ବିଦେଶୀ ମୂଲକରୁ ସେମାନେ ଆଇ.ଏମ୍.ଏଫ୍., ୱାର୍ଲଡ୍ ବ୍ୟାଙ୍କ୍‌ର ଟଙ୍କା ଧରି ଆସିଥିଲେ । ବାଜପେୟୀଙ୍କ ସହଯୋଗୀ ମଂତ୍ରୀମାନେ କ୍ଷମତାରେ ମସ୍‌ଗୁଲ୍ ହୋଇ ଭୁଲିଗଲେ ଯେ ମାତ୍ର ଦଶ ଦିନ ତଳେ ଓଡ଼ିଶାର ଜନସାଧାରଣ ତାଙ୍କୁ ଲକ୍ଷ ଲକ୍ଷ ଅଧିକ ଭୋଟରେ ନିର୍ବାଚିତ କରିଥିଲେ । ଆଉ କେତେ ଅଧିକ ଭେଟ ପାଇଥିଲେ ଓଡ଼ିଶାର ଲୋକଙ୍କ କଥା ବୁଝିବା ପାଇଁ ତାଙ୍କ ମନ ଟାଣିଥାନ୍ତା ? ତାଙ୍କ ବିଦ୍ରୁପରୁ ସ୍ପଷ୍ଟ ବାରି ହେଉଥିଲା ଆସନ୍ତା ବିଧାନସଭା ନିର୍ବାଚନର ଗନ୍ଧ ।

ଗଂଜାମ ବାତ୍ୟାକ୍ରାନ୍ତ ଲୋକଙ୍କ ପାଇଁ ପ୍ରଧାନମଂତ୍ରୀ କ'ଣ ଏବଂ କେତେ ଦେଲେ ତାହା ଏବେ ମଧ୍ୟ ଅସ୍ପଷ୍ଟ । ଓଡ଼ିଶାର ଅପାରଗ ଏବଂ କାଂଗାଳିଆ ସରକାର ମଧ୍ୟ ସାହସ କରି ତାହା ସ୍ପଷ୍ଟ କରିପାରୁ ନାହାନ୍ତି । କୁହାଯାଉଛି, ବାଜପେୟୀ ଗଂଜାମ ବାତ୍ୟା ପାଇଁ ୨୫୦କୋଟି ଟଙ୍କା ଦେଲେ, କିନ୍ତୁ ସରକାରୀ ତଥ୍ୟର ଯେଉଁ ମାନେ ଅନୁସାଳନ କରିଛନ୍ତି, ସେମାନେ ଭଲଭାବରେ ଜାଣନ୍ତି ଯେ ୨୦୦କୋଟି ଟଙ୍କା ଅନୁଦାନ ନୁହେଁ, ଦେବାଳିଆ ଓଡ଼ିଶା ସରକାରଙ୍କୁ ସାମୟିକ ଅଗ୍ରୀମ । ବାକି ୫୦କୋଟି ଟଙ୍କା ଗଂଜାମ ବାତ୍ୟାକ୍ରାନ୍ତ ଲୋକଙ୍କ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ପ୍ରାଥମିକ ସାହାଯ୍ୟ । କିନ୍ତୁ ଆମ ରାଜନେତାମାନେ ଖୁବ୍ ଭଲଭାବରେ ପ୍ରଚାର କଲେ ଯେ ୨୫୦କୋଟି ଟଙ୍କା ବାଜପେୟୀ ଦେଲେ । ନିର୍ଲ୍ଲଜ ଓଡ଼ିଶା ସରକାର ନିଜର ଅପାରଗତା ଏବଂ ଦେବାଳିଆ ପଣିଆକୁ ସାମୟିକ ଘଂଚଘୋଡ଼ାଇବା ପାଇଁ ୨୦୦କୋଟି ଟଙ୍କା ଅଗ୍ରୀମର ସୁଯୋଗ ନେଲେ ଏବଂ ଏ ବାବଦରେ ଓଡ଼ିଶାର ସ୍ୱାର୍ଥକୁ ବଳିଦେଇ ନିରବ ରହିବା ପାଇଁ ଉଚିତ ମନେ କଲେ ।

ଗଂଜାମ ବାତ୍ୟା ପରେ ପରେ ଏ ଶତାବ୍ଦୀର ସର୍ବବୃହତ୍ ମହାପ୍ରଳୟ ସଂଗଠିତ ହେଲା । ଦେଢ଼କୋଟିରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେଲେ । କେତେ ମୃତାହତ ତା'ର ସଠିକ୍ ହିସାବ କାହା ପାଖରେ ନାହିଁ । ଓଡ଼ିଶାର ଉପକୂଳ ଆଜି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ଆଖିରେ ନଦେଖିଲେ କେହି ବିଶ୍ୱାସ କରିବେ ନାହିଁ । ଓଡ଼ିଶାର 'ବନ୍ଦର ରାଜଧାନୀ'ର କ୍ଷୟକ୍ଷତି ସର୍ବାଧିକ, କିନ୍ତୁ ଆମ ବନ୍ଦର ମଂତ୍ରୀ ଦିଲ୍ଲୀରୁ ଥାଇ ବିବୃତି ଦେଲେ, ପାରଦ୍ୱୀପ ବନ୍ଦରର ଅବସ୍ଥା ସ୍ୱାଭାବିକ ଏବଂ କ୍ଷୟକ୍ଷତି ସର୍ବନିମ୍ନ । ମାନ୍ୟବର ମଂତ୍ରୀ ମହୋଦୟ କେଉଁ ସୂତ୍ରରୁ ନିଜ ବିଭାଗ ସଂପର୍କରେ ଏ ତଥ୍ୟ ପାଇଲେ ? ଖାଲି ସେତିକି ନୁହେଁ, ମହାପ୍ରଳୟର ତିନି ଦିନ ପରେ ମଂତ୍ରୀ ମହୋଦୟ ନିଜ ନିର୍ବାଚନ ମଣ୍ଡଳୀରେ ତିନି ତିନିଟି ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଛନ୍ତି, ଏହା କେଉଁ ମାନସିକତାର ପରିଚୟ ଦେଉଛି ? ପ୍ରଧାନମଂତ୍ରୀ 'ମହାପ୍ରଳୟ' ଖବର ଜାଣିବା ପରେ ଅସୁସ୍ଥତାବଶତଃ ନିଜେ ଆସି ପାରି ନଥିଲେ । ଶ୍ରୀଯୁକ୍ତ ଆଡ୍‌ଭାନୀ ଓ ଫର୍ଣାଣ୍ଡିସ୍‌ଙ୍କ ସହିତ ନବୀନ ପଟ୍ଟନାୟକ ଓ ଜୁଏଲ୍ ଓରାମ୍‌ଙ୍କୁ ଖବର ବୁଝିବା ପାଇଁ ପଠାଇଥିଲେ । ପ୍ରତିକୂଳ ପାଗ ଯୋଗୁଁ ଏମାନଙ୍କ ପକ୍ଷରେ ତଳକୁ ଓହ୍ଲାଇବା ସଂଭବ ହେଲା ନାହିଁ । ଏମାନେ ଫେରିଯିବା ପରେ କ୍ୟାବିନେଟ୍ ସଚିବଙ୍କୁ ଡାକି ଏହାକୁ ''ଜାତୀୟ ବିପତ୍ତି'' ଭଳିଆ ବିଚାର କରିବା ପାଇଁ ପରାମର୍ଶ ଦେଲେ ଏବଂ ୩୦୦କୋଟି ଟଙ୍କାର ଆଗୁଆ ଅନୁଦାନ ଘୋଷଣା କଲେ । ରାଜନୈତିକ ବ୍ୟକ୍ତିମାନଙ୍କୁ ନୂଆ ସୁଯୋଗ ମିଳିଲା । ପ୍ରଚାର କରାଗଲା 'ଜାତୀୟ ବିପତ୍ତି' ଘୋଷଣା ହେଲା ଏବଂ 'ଗଂଜାମ ଅନୁଦାନ'କୁ ମିଶାଇ ପ୍ରଧାନମଂତ୍ରୀ ବାଜପେୟୀ ମୋଟ୍ ୫୫୦କୋଟି ଟଙ୍କା ଦେଲେ । ଜନସାଧାରଣଙ୍କର ଦୁର୍ଦ୍ଦିନକୁ ନେଇ ରାଜନୀତି କରୁଥିବା ରାଜନେତାମାନଙ୍କର ଅଭାବ ନାହିଁ । କଂଗ୍ରେସ ସଭାନେତ୍ରୀ ଏବଂ ବିରୋଧୀଦଳ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧି ବାତ୍ୟାକ୍ରାନ୍ତ ଲୋକଙ୍କୁ ଦେଖିବା ପାଇଁ ଆଦୌ କାଳକ୍ଷେପଣ କରିନାହାନ୍ତି । ନିଜ ଚେଲା ଚାମୁଣ୍ଡାଙ୍କୁ ଧରି ଉଭୟ 'ଗଂଜାମ' ଏବଂ 'ଉପକୂଳ ଓଡ଼ିଶା' ଆସିବାକୁ ଭୁଲି ନାହାନ୍ତି । ଗଂଜାମ ଗସ୍ତ ବେଳେ ସେ ବିପର୍ଯ୍ୟୟକୁ 'ଜାତୀୟ ବିପତ୍ତି' ଘୋଷଣା ପାଇଁ ଦାବି କରିଥିବା ବେଳେ, ଉପକୂଳର ମହାପ୍ରଳୟକୁ 'ପଟାନ୍ତର ବିହୀନ ଜାତୀୟ ବିପତ୍ତି' ଘୋଷଣା କରିବା ପାଇଁ କେବଳ ଦୃଢ଼ ଦାବି କରି ନାହାନ୍ତି, ଓଲଟା କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଜାତୀୟ ବିପତ୍ତି ସଂପର୍କରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି କହି ଏକ ରାଜନୈତିକ ବିବାଦ ସୃଷ୍ଟି କରିଛନ୍ତି । କିନ୍ତୁ ଶ୍ରୀମତୀ ଗାନ୍ଧି ଉପକୂଳବର୍ତ୍ତୀ ବାତ୍ୟାର ବହୁ ପୂର୍ବରୁ ସମଗ୍ର ଓଡ଼ିଶା ପାଇଁ ଗୋଟିଏ ଅଭୂତପୂର୍ବ ବିପତ୍ତି ଆଣିଦେଇଛନ୍ତି ଯାହାର ଅନ୍ୟ ନାମ ''ମୁଖ୍ୟମଂତ୍ରୀ ଗିରିଧର ଗମାଂଗ'' । କେନ୍ଦ୍ରସରକାରଙ୍କ ଠାରେ ଜାତୀୟ ବିପତ୍ତି ଘୋଷଣା ପାଇଁ ଦାବି କରିବା ପୂର୍ବରୁ ସ୍ୱକୀୟ ବିପତ୍ତିର ପ୍ରତିକାର ପାଇଁ ଉଦ୍ୟମ କରିଥିଲେ ଓଡ଼ିଶାର ଜନସାଧାରଣ ଅଧିକ ଅନୁଗୃହୀତ ହୋଇଥାନ୍ତେ ।

ରାଜନୀତିର ଏହି ପ୍ରତିଯୋଗିତାରେ ନବୀନବାବୁ ବା କାହିଁକି ପଛରେ ପଡ଼ିବେ । ଅପାରଗ ଓଡ଼ିଶା ସରକାରଙ୍କୁ ସମାଲୋଚନା କରି ରିଲିଫ୍ ବଣ୍ଟନକୁ ସର୍ବଦଳୀୟ ସମିତି ମାଧ୍ୟମରେ ନିୟନ୍ତ୍ରଣ କରିବା ପାଇଁ ଦାବି କରିବା ସହିତ ଅଧିକ ଆଲୋଚନା ପାଇଁ ବିଧାନସଭାର ବିଶେଷ ଅଧିବେଶନ ଡାକିବା ପାଇଁ ଆହ୍ୱାନ ଦେଇଛନ୍ତି । ବିଜୟବାବୁ, ନବୀନବାବୁଙ୍କ ପଛରେ କେବେ ପଡ଼ିବାକୁ ଚାହାନ୍ତି ନାହିଁ । ସମୁଦାୟ ରିଲିଫ୍ କାର୍ଯ୍ୟକ୍ରମକୁ ସେନା ଉପରେ ଛାଡ଼ିଦେବା ପାଇଁ ସେ ଓଲଟା ପ୍ରସ୍ତାବ ଦେଇଛନ୍ତି । ଏ ପ୍ରସ୍ତାବକୁ ଖୋଲାଖୋଲି ଭାବେ ସମର୍ଥନ ବା ବିରୋଧ କରିବା ପାଇଁ ନବୀନବାବୁଙ୍କ ସାହସ ହେଉ ନାହିଁ । ଗୋଟିଏ ଦଳର ଦୁଇ ନେତାଙ୍କ ଭିତରେ ଥିବା ରାଜନୈତିକ ସ୍ୱାର୍ଥ ପ୍ରେରିତ ବିଦ୍ୱେଷ ସ୍ପଷ୍ଟ ବାରି ହେଉଛି । ତେବେ ପ୍ରଥମ ଦାବି ସପକ୍ଷରେ କିଛି ଅବେଗ ଓ ଯୁକ୍ତି ଥିବା ବେଳେ, ନବୀନବାବୁଙ୍କର ଅନ୍ୟ ଦାବି ଜମା ବୁଝି ହେଉ ନାହିଁ । ମହାପ୍ରଳୟର ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସମଗ୍ର ଜନ, ଧନ ଓ ମନ ବଳ ଉପକୂଳରେ ଆବଶ୍ୟକ ପଡୁଥିବା ବେଳେ ମାନ୍ୟବର ବିଧାୟକମାନେ ବିଧାନସଭାରେ କି ଆଲୋଚନା କରିବେ ? କାର୍‌ଗିଲ୍ ଯୁଦ୍ଧ ସମୟରେ ଶ୍ରୀମତୀ ସୋନିଆ ଗାନ୍ଧିଙ୍କର ଦାବି ମନେପଡୁଛି । ସାରା ଭାରତ ଯେତେବେଳେ ପାକିସ୍ତାନ ସହିତ ଯୁଦ୍ଧ କରୁଥିଲା, ଶ୍ରୀମତୀ ଗାନ୍ଧି ରାଜ୍ୟସଭା ଅଧିବେଶନ ଡାକିବା ପାଇଁ ଦାବି କରୁଥିଲେ, ନିଜେ କିନ୍ତୁ ପ୍ରଧାନମଂତ୍ରୀଙ୍କ ଦ୍ୱାରା ଆହୂତ କୌଣସି ବୈଠକକୁ ଯାଉ ନଥିଲେ, କିଂଶେଷରେ ଗଲେ ମଧ୍ୟ ମୁହଁ ଖୋଲୁ ନ ଥିଲେ । ନବୀନବାବୁଙ୍କୁ କେବଳ ଏତିକି ମନେ ପକାଇଦେଲେ ଯଥେଷ୍ଟ ହେବ ଯେ ବିଧାନସଭା ଅଧିବେଶନ ଡକାଗଲେ ସେ ଯଦି ମୁଖ୍ୟମଂତ୍ରୀ ବା ବିଧାୟକ ହୋଇଥାନ୍ତେ, କେଉଁ ଭାଷାରେ ଏବଂ କିପରି ଭାବରେ ଓଡ଼ିଶାର କଥା ବୁଝିଥାନ୍ତେ ବା ବୁଝାଇଥାନ୍ତେ ?

ରାଜନୀତି ଯେ କେବଳ ଆଜିର ବିପର୍ଯ୍ୟୟର ମୁକାବିଲାରେ ଅନ୍ତରାୟ ହେଉଛି ତା' ନୁହେଁ, ପ୍ରଚାର ସର୍ବସ୍ୱ ଯୁଗରେ ଲୋକଦେଖାଣିଆ, ମାତ୍ରାଧିକ ଆବେଗ ଏଭଳି ଏକ ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ପରିସ୍ଥିତିର ମୁକାବିଲା ପାଇଁ ସର୍ବନିମ୍ନ ମାନସିକ ପ୍ରସ୍ତୁତିର ଅଭାବ ସାଂଗକୁ ସରକାରୀ ଏବଂ ବେସରକାରୀ ସ୍ତରରେ ସମନ୍ୱୟର ଅଭାବ ଏବଂ ସବୁସ୍ତରରେ ନେତୃତ୍ୱର ସଙ୍କଟ ଆମର ଅସାହାୟତାକୁ ବହୁ ଗୁଣରେ ବଢ଼ାଇ ଦେଉଛି । ଏହା ରାଜନୀତି କିମ୍ବା ଆବେଗର ସମୟ ନୁହେଁ । ''ଓଡ଼ିଶାର ଏହି ଦାରୁଣ ବିପର୍ଯ୍ୟୟ ସମୟରେ, ଆସନ୍ତୁ, ଆମେ ସମସ୍ତେ ରାଜନୀତି ଓ ଆବେଗର ଉର୍ଦ୍ଧ୍ୱକୁ ଉଠିବା । ଭାଷଣ ଏବଂ ଆଚରଣରେ ସର୍ବନିମ୍ନ ପାର୍ଥକ୍ୟ ରଖିବା ଏବଂ ଦଳମତ ନିର୍ବିଶେଷରେ ଏ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଏକାଠି ହେବା ।'' ପ୍ରଧାନମଂତ୍ରୀ ଅଟଳବିହାରୀ ବାଜପେୟୀ, ରାଷ୍ଟ୍ରର ପ୍ରଧାନ ନାଗରିକ ହିସାବରେ ଏହାର ଶୁଭାରଂଭ କରନ୍ତୁ । ଯେଉଁ ଆବେଗ ଏବଂ ରାଜନୈତିକ ସମର୍ଥନ ପାଇ ଶ୍ରୀଯୁକ୍ତ ଅଟଳବିହାରୀ ବାଜପେୟୀ ବ୍ୟକ୍ତିବିଶେଷ ଭାବେ ପୁଣି ଆଉଥରେ ପ୍ରଧାନମଂତ୍ରୀ ହୋଇଛନ୍ତି ତା'ର ସାର୍ଥକ ପ୍ରମାଣ ଦିଅନ୍ତୁ । 'ଜାତୀୟ ବିପତ୍ତି' ଘୋଷଣା ସଂପର୍କିତ ବିବାଦର ଅବସାନ ଘଟୁ । ଓଡ଼ିଶାର ଆର୍ଥିକ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରଧାନମଂତ୍ରୀ ସମ୍ବିଧାନ ସମ୍ମତ ସବୁ ବିକଳ୍ପକୁ ବିଚାରକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ; ଆମେ ତାଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିବୁ । ପ୍ରଧାନମଂତ୍ରୀଙ୍କର ଓଡ଼ିଶା ଆଗମନ ଅବସରରେ ତାଙ୍କୁ ଆମର ଏତିକି ଅଭିମାନଭରା ନିବେଦନ ।